# Akashvani, Sambalpur

## SAMBALPURI NEWS EVENING BULLETIN

## 28 October 2024- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୦ ବରସ୍‌ନୁ ଅଏତ୍‌କା ବୟସର୍ ନାଗରିକ୍‌ମାନ୍‌କର୍ ଲାଗି ଆଏବା କାଏଲ୍ ମୁଲ୍ କର୍‌ବେ ଆୟୁଷ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍‌ନା ।

- ରାଏଜେ ଚଲ୍‌ତି ଆର୍ଥିକ୍ ବଛର୍‌ନୁ ଲାଗୁ ହେବା ଇ ଯୋଜ୍‌ନା ।

୨- ପ୍ରଧାନ୍‌ମନ୍ତ୍ରୀ ଆଏବାକାଏଲ୍ ରୋଜ୍‌ଗାର୍ ମେଳାଥି ୫୧ ହଜାର୍‌ନୁ ଅଏତ୍‌କା ପିଲାଟୁକେଲ୍‌ଙ୍କୁ ବାଂଟ୍‌ବେ ନିଯୁକ୍ତିପତ୍ର ।

୩- ମୁଖ୍ୟମନ୍ତ୍ରୀ ଆକାଶ୍‌ମାର୍ଗନୁ ବାତ୍ୟା ଆଉ ବଢ଼ି ପ୍ରଭାବିତ୍ ଜିଲ୍ଲାମାନ୍‌କର୍ କଲେ ଅନୁଧ୍ୟାନ୍ ।

ଆଉର୍

୪- ଦେଶ୍ ସମୃଦ୍ଧି ଲାଗି ଅଖଣ୍ଡତାର୍ ସଂସ୍କୃତି ବାର୍ତା ନେଇକରି ମୁଲ୍ ହେଲା ଦୁର୍ନୀତି ନିବାରଣ ସଚେତନତା ହପ୍ତା ।

ଆୟୁଷ୍ମାନ୍ ଭାରତ୍ ଯୋଜ୍ନା ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୦ ବରସ୍‌ନୁ ଅଏତ୍‌କା ବୟସର୍ ନାଗରିକ୍ ମାନ୍‌କର୍ ଲାଗି ଆୟୁଷ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍ନା ଆଏବା କାଏଲ୍‌ନୁ ମୁଲ୍ କର୍‌ବେ । ଆଭାସୀ ଜରିଏ ପ୍ରଧାନ୍‌ମନ୍ତ୍ରୀ ଇତାର୍ ଶୁଭାରମ୍ଭ କରୁଥିବାର୍ ବେଲେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥିତ୍ ରହେବେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଇ ଯୋଜ୍ନାକେ ରାଏଜେ ଲାଗୁ କର୍‌ବାର୍ ବାବ୍‌ଦେ ପଦକ୍ଷେପ୍ ନିଆଯାଇଛେ । ଡକ୍ଟର୍ ମହାଲିଙ୍ଗ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ଆଏବା କାଏଲ୍ ଜଟଣୀ ଠାନେ ୨୧ ଏକଡ଼୍ ଜମିଥି ବନିଥିବାର୍ ଆୟୁର୍ବେଦିକ୍ ଆର୍ ନେଚୋରୋପାଥି ହସ୍ପିଟାଲ୍‌ର ଉଦ୍‌ଘାଟନ୍ କର୍‌ବେ । ଚଲ୍‌ତି ଆର୍ଥିକ୍ ବଛର୍‌ନୁ ରାଏଜେ ଆୟୁଷ୍ମାନ୍ ଭାରତ୍ ଜନାରୋଗ୍ୟ ଯୋଜ୍ନା ଲାଗୁ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

(ଭଏସ୍ ଓଭର୍-୧ - ମୁକେଶ ମହାଲିଙ୍ଗ)

ରୋଜ୍‌ଗାର୍ ମେଳା- ପ୍ରଧାନ୍‌ମନ୍ତ୍ରୀ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ସାଢ଼େ ୧୦ ବଜେ ଆଭାସୀ ଜରିଏ ୫୧ ହଜାର୍‌ନୁ ଅଏତ୍‌କା ନୂଆଁକରି ନିଯୁକ୍ତି ପାଇଥିବା ପିଲା ଟୁକେଲ୍ ମାନ୍‌କୁ ନିଯୁକ୍ତି ପତ୍ର ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ରୋଜ୍‌ଗାର୍ ମେଲାକେ ସମ୍ବୋଧନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ସାରାଦେଶର୍ ୪୦ ଟା ଭିନ୍ ଭିନ୍ ଜାଗା ନ ରୋଜ୍‌ଗାର୍ ମେଲା ଆୟୋଜନ୍ କରାଯିବା । ଯେନ୍‌ଥି ନୂଆଁ କର୍ମଚାରୀ -କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭନ୍ ମନ୍ତ୍ରଣାଳୟ ଆର୍ ବିଭାଗ୍‌ଥି ସାମିଲ୍ ହେବେ । ରୋଜ୍‌ଗାର୍ ମେଲା ରୋଜ୍‌ଗାର୍ ସୃଷ୍ଟିକେ ପ୍ରାଥମିକତା ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ । ଇଟା ଯୁବପିଢ଼ିକେ ରାଷ୍ଟ୍ରନିର୍ମାଣ୍‌ଥି ଯୋଗଦାନ୍ ଦେବାର୍ ଲାଗି ଅର୍ଥପୂର୍ଣ୍ଣ ସୁଯୋଗ୍ ଦେବାର୍ ସହେତେ ସେମାନ୍‌କୁ ସଶକ୍ତ କର୍‌ବା ବଲି ଜନାପଡ଼ିଛେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଆଚାର୍ଯ୍ୟ ବିହାର୍ ନ ଥିବା ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ନ ରୋଜ୍‌ଗାର୍ ମେଲା ଆୟୋଜନ୍ କରାଯିବା ।

ବାତ୍ୟା ସମୀକ୍ଷା ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆକାଶ୍‌ମାର୍ଗନୁ କେନ୍ଦ୍ରାପଡ଼ା, ଭଦ୍ରକ୍, ମୟୁର୍‌ଭଞ୍ଜ୍ ଆର୍ ବାଲେଶ୍ୱର୍ ଜିଲ୍ଲାର୍ ବାତ୍ୟା ଆର୍ ଇଥିର୍‌ଲାଗି ହେଇଥିବା ବଢ଼ି ଲାଗି ହେଇଥିବା ନୁକ୍‌ସାନ୍‌ର ଅନୁଧ୍ୟାନ୍ କରିଛନ୍ । ଇ ଅନୁଧ୍ୟାନ୍ ସମିଆଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଉପସ୍ଥିତ୍ ଥିଲେ । ଆକାଶ୍‌ମାର୍ଗନୁ କ୍ଷୟକ୍ଷତିର ଅନୁଧ୍ୟାନ୍ ଉତ୍‌ରୁ ବାଲେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀ ଆର୍ ରାଜସ୍ୱ ମନ୍ତ୍ରୀ ଅଧିକାରୀମାନ୍‌କର୍ ସହେତେ ରିଲିଫ୍ ଆର୍ ଥଇଥାନ୍ ବାବ୍‌ଦେ ସମୀକ୍ଷା ବୈଠକ୍ କରିଥିଲେ ।

ଶିଶୁ ଚାଲାଣ୍- ପ୍ରତିକାର୍- ଉପମୁଖ୍ୟମନ୍ତ୍ରୀ     ପ୍ରେସ୍ ରିଲିଜ୍

ରାଜ୍ୟ ସର୍‌କାର୍ ଛୁଆ ଆଉ ମହିଳାଚାଲାଣ୍ ରୁକ୍‌ବାର୍ ଲାଗି ସବୁ ଦିଗୁ ଜୋର୍ ଦଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ବିଭାଗ୍ ଆଉ ଅର୍ନ୍ତରାଷ୍ଟ୍ରୀୟ ସଂସ୍ଥା- ୟୁନିସେଫ୍ ସାହାଜିଥି ହେଇଥିବା ଶିଶୁ ଚାଲାଣ୍ ଦୂରୀକରଣ୍‌ର ରାଜ୍ୟସ୍ତରୀୟ ପରାମର୍ଶଦାତା କମିଟି ବୈଠକ୍‌ଥି ସେ ଇଟା କହିଛନ୍ । ଛୁଆମାନ୍‌କର୍ ସୁରକ୍ଷା ବାବ୍‌ଦର୍ ସବୁ ନିୟମ୍ କାନୁନ୍‌କେ କଡ଼ାକଡ଼ି କର୍‌ବାର୍ ସହେତେ ଛୁଆମାନ୍‌କର୍

ଡିଜିଟାଲ୍ ବେଭାର୍‌କେ ନିୟନ୍ତ୍ରଣ୍ କର୍‌ବାର୍ ସମିଆ ଆସିଛେ । ଇହାଦେର୍ ଥିତିକେ ନଜର୍‌ଥି ରଖିକରି ଶିଶୁ ସୁରକ୍ଷା କାର୍ଯ୍ୟଶୈଳୀଥି ପରିବର୍ତ୍ତନ୍ ଅନାଯାଇକରି ଗାଁ ଗାଁ ନ ସଚେତନତା ବାର୍ତା ପହଁଚାବାର୍ ଆଉ ହେଲ୍ପଲାଇନ୍ ନମ୍ବର୍‌କେ ସକ୍ରିୟ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଥିଲେ ।

ବୈଠକ୍‌ଥି ପ୍ରତିରୋଧ୍, ସୁରକ୍ଷା, ନିୟମ୍ କାର୍ଯ୍ୟକାରିତା, ସହଭାଗିତା ଜରିଏ ଲକ୍ଷ୍ୟ ହାସଲ୍ କରାଯାଇପାର୍‌ବା ବଲି କୁହାଯାଇଥିଲା ।

ଦୁର୍ନୀତି ନିବାରଣ ସପ୍ତାହ ଆର୍‌ଏନ୍‌ୟୁ/ କଟକ୍

ସାର୍ବଜନୀନ ଜୀବନ୍‌ଥି ସଚୋଟତାକେ ତହଁକାବାର୍ ଆର୍ ଦୁର୍ନୀତିମୁକ୍ତ ସମାଜ୍ ଗଠନ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଆଏଜ୍‌ଠାନୁ ସାରା ଦେଶେ ଭିଜିଲାନ୍ସ ସଚେତନତା ହପ୍ତା ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବିଷୟବସ୍ତୁ ରହିଛେ 'ଦେଶ ସମୃଦ୍ଧିର୍ ଲାଗି ଅଖଣ୍ଡତାର୍ ସଂସ୍କୃତି' । ସାଧାରଣ ପ୍ରଶାସନ୍ ନ ନୈତିକତା ଆଉ ସ୍ୱଚ୍ଛତାର୍ ଆବଶ୍ୟକତା ବିଷେଥି ସଚେତନତା ସୃଷ୍ଟି ଉଦ୍ଦେଶ୍ ନେଇକରି କାର୍ଯ୍ୟକ୍ରମ୍ ପାଲନ୍ କରାଯାଉଛେ । ଭିନ୍ ଭିନ୍ ମନ୍ତ୍ରଣାଳୟ, ବିଭାଗ୍, ରାଷ୍ଟ୍ରାୟତ ଉଦ୍ୟୋଗ୍, ବେଙ୍କ୍ ଆଉ

ଅଲ୍‌ଗା ସର୍‌କାରୀ ସଂସ୍ଥାର୍ କର୍ମଚାରୀ ଶପଥ୍ ପାଠ୍ ଜରିଏ ହପ୍ତା ପାଲନ୍‌ଥି ସାମିଲ୍ ହେଉଛନ୍ । ଦୁର୍ନିତୀ ବିରୋଧ୍ ନ ସଚେତନତା ସୃଷ୍ଟି ଲାଗି କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଭାରତ୍ ରତ୍ନ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଜନ୍ମ ସପ୍ତାହ ପାଲନ୍ ଅବ୍‌ସରେ ଫି’ ବଛର୍ ଭିଜିଲାନ୍ସ ସଚେତନତା ହପ୍ତା ପାଲନ୍ କରାଯାଏସି ।

## ଦୁର୍ନୀତି ନିର୍ବାରଣ ସପ୍ତାହ- ମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ/ କଟକ୍

ଦୁର୍ନୀତି ବିରୋଧ୍ ନ ରାଜ୍ୟ ସର୍‌କାର୍ ଶୂନ୍ୟ ସହନଶୀଳ ନୀତି ଅନୁସରଣ୍ କରୁଛନ୍ ଆଉ ରାଏଜେ ଭିଜିଲାନ୍ସ ଫରେନ୍‌ସିକ୍ ବିଜ୍ଞାନ୍ ଅନୁଷ୍ଠାନ୍ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ହଲ୍ ନ ଆଏଜ୍ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଦୁର୍ନୀତି ନିବାରଣ ଆଉ ସଚେତନତା ହପ୍ତା ପାଲନ୍ ଅବ୍‌ସରେ ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେବାର୍ ସହେତେ ଓଡ଼ିଶାକେ

ଦୁର୍ନୀତିମୁକ୍ତ ରାଜ୍ୟଥି ପରିଣତ୍ କର୍‌ବାର୍ ସର୍‌କାର୍‌ଙ୍କର୍ ଉଦ୍ଦେଶ୍ ବଲି ମୁଖ୍ୟମନ୍ତ୍ରୀ ଫଟିକ୍ କରିଛନ୍ ।

## ଦୁର୍ନୀତି ନିବାରଣ ଶପଥ୍ ପାଠ୍

କଲାହାଣ୍ଡି/ସମ୍ବଲପୁର/ବୌଦ୍ଧ/ବର୍‌ଗଡ଼୍/ସୁବର୍ଣ୍ଣପୁର୍

ଦୁର୍ନୀତି ନିବାରଣ୍ ପାଲନ୍ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ସର୍‌କାରୀ ମହିଳା କଲେଜ୍ ତର୍‌ଫୁ ଗୁଟେ କାର୍ଯ୍ୟକ୍ରମ୍‌ଥି ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀମାନେ ଦୁର୍ନୀତି ନିବାରଣ ଲାଗି ସଚେତନତା ପଟୁଆର୍‌ଥି ସହର୍ ପରିକ୍ରମା କରିଥିଲେ । ଇତାର୍‌ସହେତେ ସେମାନେ ଶପଥ୍ ପାଠ୍ କରେଇଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ଠାନେ ଉତରାଂଚଲ ପୁଲିସ୍ ଆଇ.ଜି. ହିମାଂଶୁ ଲାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଆର୍ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ଆର୍ କର୍ମଚାରୀ ମାନେ ଶପଥ୍ ପାଠ୍ କରିଥିଲେ । ସେନ୍ତା ସମ୍ବଲ୍‌ପୁର ରେଲ୍ ଡିଭିଜନ୍ କାର୍ଯ୍ୟାଳୟ ଠାନେ ଡିଆର୍‌ଏମ୍ ତୁଷାର୍‌କାନ୍ତ ପାଣ୍ଡେ ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ସତର୍କତାର ଶପଥ୍ ପାଠ୍ କରେଇଥିଲେ ।

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ଦୁର୍ନୀତି ନିବାରଣ୍‌ର ଶପଥ୍ ପାଠ କରେଇଥିଲେ । ଇଥି ଭିଜିଲାନ୍ସ ଏସ୍.ପି. ଗଣେଷ ପ୍ରଧାନ୍ ଆର୍ ଅଲ୍‌ଗା ଅଧିକାରୀମାନେ ଭିଲ୍ ସାମିଲ୍ ଥିଲେ ।

ବର୍‌ଗଡ଼୍ ଜିଲ୍ଲା ଗାଇସିଲେଟ୍ ବ୍ଲକ୍ ଅସ୍ୱାନ୍ ହଲ୍ ଠାନେ ଜିଲ୍ଲାପାଲ୍ ଆଉ ଜିଲ୍ଲା ସଦର୍ ମହକୁମାନୁ ଅତିରିକ୍ତ ଜିଲ୍ଲାପାଲ୍ ଦୁର୍ନୀତି ନିବାରଣ୍ ଲାଗି ଶପଥ୍ ପାଠ କରେଇଥିଲେ । ବର୍‌ଗଡ଼୍ ଦୁର୍ନୀତି ନିବାରଣ୍ ୟୁନିଟ୍ ତର୍‌ଫୁ ଗ୍ରାମସଭା ସଚେତନତା ପଟୁଆର୍ ଆଉ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯିବା ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ମହକୁମା ନ ଜିଲ୍ଲାପାଲ୍‌ଙ୍କର୍ ଉପସ୍ଥିତିଥି ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ଆର୍ କର୍ମଚାରୀମାନେ ଦୁର୍ନୀତିମୁକ୍ତ ସମାଜ୍ ମୁକ୍ତ ଗଠନ୍ ଲାଗି ଶପଥ୍ ପାଠ କରିଥିଲେ ।

ଜନଅଭିଯୋଗ୍ ଶୁଣାଣି ଶିବିର

ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍

ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର ଜିଲ୍ଲା ବାମ୍‌ରା ବ୍ଲକ୍ ସମ୍ମିଳନୀ କକ୍ଷ ଠାନେ ଆଏଜ୍ ମିଳିତ ଯୁଗ୍ମ ଜନଶୁଣାଣି ହେଇଥିଲା । ଜିଲ୍ଲାପାଳ ଆର୍ ଏସ୍.ପି. ଇଥି ଯୋଗ୍ ଦେଇକରି ୬୯ ଟା ଅଭିଯୋଗ୍‌ର ଶୁଣାଣି କରିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିରଥି ଶହେ ୪ ଟା ଅଭିଯୋଗ୍ ଆସିଥିଲା । ଇନ ଜିଲ୍ଲା ଶ୍ରମ ବିଭାଗ୍ ତର୍‌ଫୁ ଛୁଆମାନ୍‌କର୍ ଶିକ୍ଷା, ୨୭ ଝନ୍ ଝିଅଙ୍କୁ ବିବାହର୍ ଲାଗି ଆର୍ ୬୯ ଝନ୍ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଯୋଜ୍‌ନାଥି ଆର୍ଥିକ୍ ସାହାଜ୍ ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍‌ର ମହାଲିକ୍ ପଡ଼ା ଠାନେ ଆଏଜ୍ ଜିଲ୍ଲା ପ୍ରଶାସନ୍ ଆର୍ ପୁଲିସ୍ ତର୍‌ଫୁ ଜନଶୁଣାଣି ଶିବିର କରାଯାଇଥିଲା । ଇନ୍‌କେ ୮୬ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୨୫ ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିଲା ।

ସ୍ୱଚ୍ଛତା କାର୍ଯ୍ୟକ୍ରମ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଠାନେ କେନ୍ଦ୍ର ସର୍କାର୍ଙ୍କର୍ ଯୁବ ବ୍ୟାପାର୍ ଆର୍ କ୍ରୀଡ଼ା ମନ୍ତ୍ରଣାଳୟର୍ 'ମେରା ଯୁବା ଭାରତ୍' ଆର୍ ନେହେରୁ ଯୁବ କେନ୍ଦ୍ର ତର୍ଫୁ ଗୁଟେ ସ୍ୱଚ୍ଛତା କାର୍ଯ୍ୟକ୍ରମ୍ଥି ଶହେ ନୁ ଅଏତ୍କା ସ୍ୱେଚ୍ଛାସେବୀ ସାମିଲ୍ ହେଇଥିଲେ । ଇମାନେ ସହରର୍ ଭିନ୍ ଭିନ୍ ଜାଗା ନ ସଫେଇ ଲାଗି ଶ୍ରମଦାନ୍ କର୍ବାର୍ ସହେତେ ସ୍ୱଚ୍ଛତାର୍ ଶପଥ୍ ପାଠ୍ କରେଇଛନ୍ ।

ଜିଲ୍ଲା ସାମ୍ବାଦିକ ସଂଘ - ସମ୍ବଲ୍ପୁର୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ତର୍ଫୁ ସାମ୍ବାଦିକ୍ ଭବନ୍ ଠାନେ ଆଏଜ୍ ଭାରତୀୟ ପେଶାଦାର୍ ସାମ୍ବାଦିକ ମହାସଂଘର ପ୍ରତିଷ୍ଠା ଦିବସ୍ ଅବ୍ସରେ ଗୁଟେ ଆଲୋଚନାଚକ୍ର କରାଯାଇଥିଲା । ଇଥି ଦୂରଦର୍ଶନ୍ କେନ୍ଦ୍ର ଭୁବ୍ନେଶ୍ୱର୍ ଆଘର୍ ନିର୍ଦ୍ଦେଶକ୍ ବୈକୁଣ୍ଠ ପାଣିଗ୍ରାହୀ, ଡାକ୍ତର୍ ନାରାୟଣୀ ପଣ୍ଡା, ସଭାପତି ସୁଭାଷ୍ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ୍ ଥିଲେ । ଇନ ଅବିଭକ୍ତ ସମ୍ବଲ୍ପୁର୍ ଜିଲ୍ଲାର୍ ୪ ଝନ୍ ବରିଷ୍ଠ ସାମ୍ବାଦିକଙ୍କୁ ସଂଘ ତର୍ଫୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ସୈରିନ୍ଧ୍ରୀ ନାଏକ୍ ଫୁଟ୍‌ବଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍‌ଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍‌ବଲ୍ ପଡ଼ିଆ ନ ଚାଲିଥିବା ୨୫ ନମ୍ବର୍ ସୈରୀନ୍ଧ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍‌ଥି ମୁଢ଼େନ୍‌ପାଲି ଇନ୍ଦିରାଗାନ୍ଧୀ ଆଂଚଲିକ୍ ହାଇସ୍କୁଲ୍ ଆର୍ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲା ସ୍କୁଲ୍ ଦଲ୍ ପୁହୁଁଚିଛନ୍ । ଆଏଜ୍ ଖେଲାଯାଇଥିବାର୍ ପହେଲା ସେମିଫାଇନାଲ୍‌ଥି ଚନ୍ଦ୍ରଶେଖର୍ ବେହେରା ଜିଲ୍ଲା ସ୍କୁଲ୍ ଦଲ୍ ୩/ଶୂନ୍ ଗୋଲ୍‌ଥି ସେଭେନ୍‌ହିଲ୍ସ ସ୍କୁଲ୍ ଦଲ୍‌କେ ହରେଇଥିଲେ । ହେନ୍ତା ୨ ନମ୍ବର୍ ସେମିଫାଇନାଲ୍‌ଥି ମୁଢ଼େନ୍‌ପାଲି ଇନ୍ଦିରାଗାନ୍ଧୀ ଆଂଚଲିକ୍ ହାଇସ୍କୁଲ୍ ଦଲ୍ ୩/ଶୂନ୍ ଗୋଲ୍‌ଥି ଚିପିଲିମା ହାଇସ୍କୁଲ୍ ଦଲ୍‌କେ ହରେଇକରି ଫାଇନାଲ୍‌ଥି ପୁହୁଁଚିଛନ୍ । ଆଏବା କାଏଲ୍ ଇ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍ ଖେଲାଯିବା ।

ଜେଇଇ ମେନ୍-ମାର୍ଗଦର୍ଶିକା ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା - ଜେଇଇ ମେନ୍ ପରୀକ୍ଷାଥି ଭିନ୍ନକ୍ଷମ ପରୀକ୍ଷାର୍ଥୀମାନ୍‌କର୍ ଲାଗି ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଭିନ୍ନକ୍ଷମ ପରୀକ୍ଷାର୍ଥୀମାନ୍‌କର୍

ସୁବିଧାର୍ ଲାଗି ଏଜେନ୍ସି ତର୍ଫୁ ଇ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛେ । ଇତାର୍ ଅନ୍‌ସାରେ ଭିନ୍ନକ୍ଷମ ମାନେ ନିଜର୍ ସ୍କ୍ରାଇବ୍ ସହେତେ ପରୀକ୍ଷାର୍ ଦୁଇ ଦିନ୍ ଆଘୋନୁ ଦେକା କର୍‌ବାର୍ ସୁଯୋଗ୍ ପାଏବେ ।